# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 October - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ବାତ୍ୟା 'ଦାନା'ର ପରବର୍ତ୍ତୀ ସ୍ଥିତି ସମୀକ୍ଷା କରି ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ରାଜ୍ୟରେ ବାତ୍ୟାର ପ୍ରଭାବରେ ୭୯ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ସୂଚନା ଦେଲେ କୃଷି ମନ୍ତ୍ରୀ
- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ଦାନାର ପରବର୍ତ୍ତୀ ସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷରେ, ଖରାପ ପାଗକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ଅଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି ।

## ବାତ୍ୟା ଦାନା ସମୀକ୍ଷା

ସାମୁଦ୍ରିକ ବାତ୍ୟା 'ଦାନା' ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଆଜି ସଂଧ୍ୟା ସୁଦ୍ଧା ପୁନଃରୁଦ୍ଧାର କାର୍ଯ୍ୟ ଶେଷ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଲଗାଣ ବର୍ଷା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି । କେତେକ ଘର ଆଂଶିକ ଏବଂ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାବେଳେ ଦୁଇଟି ଟାୱାର ନଷ୍ଟ ହୋଇଛି । ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରାଯିବ । କେନ୍ଦ୍ରୀୟ ଟିମ୍ କ୍ଷତ୍ରିୟ ତଦନ୍ତ ପାଇଁ ଓଡ଼ିଶା ଗସ୍ତରେ ଆସିବେ । ଇତିମଧ୍ୟରେ ୨୨ଲକ୍ଷ ଲୋକଙ୍କୁ ବିଜୁଳି ସଂଯୋଗ ଦିଆଯାଇ ସାରିଲାଣି । ବାକିଥିବା ସଂଯୋଗ କାର୍ଯ୍ୟ ଆଜି ସଂଧ୍ୟାସୁଦ୍ଧା ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ୭ ଦିନ ପର୍ଯ୍ୟନ୍ତ ଆଶ୍ରୟସ୍ଥଳୀ ଗୁଡ଼ିକରେ ଲୋକଙ୍କ ରହିବା ସହ ଅନ୍ୟାନ୍ୟ ସୁବିଧା ମଧ୍ୟ କରାଯାଇଛି । ଅପରପକ୍ଷରେ, ପ୍ରାଥମିକ ଆକଳନ ଅନୁଯାୟୀ ରାଜ୍ୟରେ

ବାତ୍ୟାଯୋଗୁଁ ଅଣାଅଶୀ ହଜାର ୬୭୧ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଭୁବନେଶ୍ୱର କୃଷି ଭବନରେ ବାତ୍ୟାଜନିତ ଫସଲ କ୍ଷୟକ୍ଷତି ନେଇ ସମୀକ୍ଷା କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ଷା କମିବା ପରେ କ୍ଷୟକ୍ଷତିର ଜିଓ ଟ୍ୟାଗିଂ ରିପୋର୍ଟ ପ୍ରସ୍ତୁତ ହେବ। ସେହି ରିପୋର୍ଟକୁ ଆଧାର କରି କ୍ଷତିପୂରଣ ପ୍ରଦାନ କରାଯିବ।

**କେନ୍ଦ୍ରାପଡା** ଜିଲ୍ଲାରେ ୨୩ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ରାଜକନିକା, ଆଳି, ମହାକାଳପଡା ବ୍ଲକରେ ସର୍ବାଧିକ କ୍ଷତି ହୋଇଥିବା ସୂଚନା ମିଳିଛି । ବାଲେଶ୍ୱରରେ ୩ହଜାର ୧୪୦ ହେକ୍ଟର, ମୟୂରଭଞ୍ଜରେ ୨ହଜାର ୩୮୧ହେକ୍ଟର, ଯାଜପୁରରେ ୨ହଜାର ୭୦୯ ହେକ୍ଟର, ଜଗତ୍‌ସିଂହପୁରରେ ୨ହଜାର ୪୯୮ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

**ଭଦ୍ରକ** ଜିଲ୍ଲାର ୭ଟି ବ୍ଲକରେ ମୋଟ ୧୪ ଲକ୍ଷ ୨୪ ହଜାରରୁ ଅଧିକ ଲୋକ ବାତ୍ୟାରେ ପ୍ରଭାବିତ ହୋଇଛନ୍ତି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲ୍ଲାରେ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଜଳମଗ୍ନ ସ୍ଥାନଗୁଡ଼ିକରେ ଜଳ ନିଷ୍କାସନ ନେଇ ପଦକ୍ଷେପ ନିଆଯାଉଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭାଗୀୟ ଅଧିକାରୀଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି।

## କଞ୍ଜୁମର ଆଫେୟାର-ହେଲ୍‌ମେଟ୍

କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ଦେଶର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ମାଜିଷ୍ଟ୍ରେଟମାନଙ୍କୁ ଅଣମାନ୍ୟତାପ୍ରାପ୍ତ ହେଲ୍‌ମେଟ୍ ନିର୍ମାତା

ଏବଂ ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛି । ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ନିର୍ମାଣ ଓ ବିକ୍ରୟ କ୍ଷେତ୍ରରେ ଏହି ପଦକ୍ଷେପ ନେବା ପାଇଁ କୁହାଯାଇଛି । ସୁରକ୍ଷା ଦୃଷ୍ଟିରୁ ଦୁଇଚକିଆ ବାହାନ ଚାଳକମାନେ ବ୍ୟବହାର କରୁଥିବା ହେଲମେଟ୍ ଗୁଡ଼ିକ ଉପଭୋକ୍ତା ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରୁନଥିବା ଜଣାପଡ଼ିବା ପରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ବିଭାଗୀୟ ସଚିବ ନିଧି ଖରେ କହିଛନ୍ତି ବଜାରରୁ ନିମ୍ନମାନର ହେଲମେଟ୍ ହଟାଇବା ଏବଂ ଉପଭୋକ୍ତାମାନଙ୍କୁ ବି.ଆଇ.ଏସ୍. ପ୍ରମାଣିତ ଉତ୍ପାଦ ବ୍ୟବହାର ଲାଗି ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ । ଦେଶର ନାଗରିକଙ୍କ ସୁରକ୍ଷା ଲାଗି ସମସ୍ତେ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ବିଭାଗୀୟ ସଚିବ ଆହ୍ୱାନ ଦେଇଛନ୍ତି ।

## ଆପାର୍ଟମେଣ୍ଟ-ସିସିଟିଭି କ୍ୟାମେରା

ଭୁବନେଶ୍ୱର-କଟକ ସହରରେ ଥିବା ଆପାର୍ଟମେଣ୍ଟଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ପରାମର୍ଶ ଦିଆଯାଇଛି । ବିଗତ କିଛି ଦିନ ଧରି ଭୁବନେଶ୍ୱରର ବିଭିନ୍ନ ଆପାର୍ଟମେଣ୍ଟରୁ ଚୋରି ଅଭିଯୋଗ ଆସିବା ପରେ ପୁଲିସ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଆପାର୍ଟମେଣ୍ଟ କଲ୍ୟାଣ ସଂଘ ପ୍ରବେଶ ଏବଂ ପ୍ରସ୍ଥାନ ପଥରେ କ୍ୟାମେରା ଲଗାଇବା ପରେ ଦାୟିତ୍ୱରେ ଥିବା ଜଣେ ଏସିପିଙ୍କୁ ଏ ବିଷୟରେ ସୂଚନା ଦେବା ପାଇଁ କୁହାଯାଇଛି । ଆପାର୍ଟମେଣ୍ଟଗୁଡ଼ିକରେ ହେଉଥିବା ଚୋରି ରୋକିବା ପାଇଁ ପୁଲିସ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି ।

## ଅତିରିକ୍ତ ସଚିବ ନିଯୁକ୍ତି

ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଶୀଲ କୁମାର ଲୋହାନୀ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ। ୧୯୯୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ଶ୍ରୀ ଲୋହାନୀଙ୍କୁ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ଶ୍ରୀ ଲୋହାନୀ ବର୍ତ୍ତମାନ ରାଜ୍ୟ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୫ତମ ସଂସ୍କରଣ ହେବ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ସେହିଦିନ ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

## ଟେରାକୋଟା ପ୍ରଦର୍ଶନୀ–ମୃତ୍ତିକା

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡିଆରେ ଆଜି ବାର୍ଷିକ 'ଟେରାକୋଟା ପ୍ରଦର୍ଶନୀ ମୃତ୍ତିକା-୨୦୨୪'ର ଉଦ୍‌ଘାଟନ ହୋଇଛି। ଏଥିରେ ବିଶେଷକରି ମାଟିରେ ତିଆରି ଆକର୍ଷଣୀୟ ସାମଗ୍ରୀ ଉପଲବ୍ଧ ହେଉଛି। ଏହି ପ୍ରଦର୍ଶନୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସୁରଭି ଶିଶୁ ମହୋତ୍ସବ

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଆସନ୍ତାମାସ ୧୨ରୁ ୧୪ ତାରିଖ ଯାଏଁ ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଚଳିତବର୍ଷ ସୁରଭିର ମୁଖ୍ୟ ପ୍ରସଙ୍ଗ ରହିଛି 'ଓଡ଼ିଶାରେ ଲୋକକଳା' । ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରୁ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିରେ ୩୦ଟି ଜିଲ୍ଲାର ୨ହଜାର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ସହାୟକ ଶିକ୍ଷକ ଯୋଗଦେବେ ।

## ବିଜନେସ୍ କନ୍‌କ୍ଲେଭ୍

**ସମ୍ବଲପୁର** ଆଇଆଇଏମ୍‌ରେ ଦୁଇଦିନିଆ ବାଣିଜ୍ୟ ଭିତ୍ତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶିଳ୍ପ ମହାସଂଘ ସହଯୋଗରେ ଆୟୋଜିତ ଏହି ବାର୍ଷିକ ବିଜନେସ୍ କନକ୍ଲେଭ୍ ମାର୍ମଞ୍ଜ ନବମ ପର୍ଯ୍ୟାୟର ଉଦଘାଟନୀ ସମାରୋହରେ ୩୦ଟି ଷ୍ଟାର୍ଟଅପ୍ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଶିଳ୍ପପତି ଏବଂ ଶିକ୍ଷାବିତ୍‌ମାନଙ୍କୁ ଏକାଠି କରି ନୂତନ ବ୍ୟବସାୟିକ ଧାରା

ଆରମ୍ଭ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଆଇଆଇଏମ୍ ପକ୍ଷରୁ କୁହାଯାଇଛି ।

## ଭୋଟର ତାଲିକା ସଂଶୋଧନ

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୁଥ୍ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ତାଲିକା ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ଆସନ୍ତା ୨୯ ତାରିଖ ଦିନ ନୂତନ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସେହିପରି **ଢେଙ୍କାନାଳ**ରେ ମଧ୍ୟ ଜିଲ୍ଲାସ୍ତରୀୟ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ସଠିକ୍ ଭାବେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## କୃଷି ଯନ୍ତ୍ରପାତି ମେଳା

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ଡିସେମ୍ବର ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସହରର କଚେରୀ ପଡିଆଠାରେ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ମେଳାର

ସୁପରିଚାଳନା ନେଇ ଜିଲ୍ଲାପାଳ ତଥା ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ଚକଡା ରୋଗର ନିରାକରଣ

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ  ଧାନ ଫସଲରେ ବ୍ୟାପିଥିବା ଚକଡା ରୋଗର ନିରାକରଣ ପାଇଁ ସହକାରୀ କୃଷି ଅଧିକାରୀ ତଥା କୃଷି ବୈଜ୍ଞାନିକଙ୍କ ନେତୃତ୍ୱରେ ଏକ ଦଳ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି ।  ଚାଷଜମିରେ କୀଟନାଶକ ଔଷଧର ବ୍ୟବହାର କରି ଏହି ଚକଡା ରୋଗକୁ ନିୟନ୍ତ୍ରଣ କରି ହେବ ବୋଲି ସେମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ନବରଙ୍ଗପୁର** ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗାସ୍ଥିତ ରାଜଚାଉଁରିଆ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ ଓ ରେଡ୍ ରିବନ କ୍ଲବର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡେଙ୍ଗୁ-ମ୍ୟାଲେରିଆ, ଟାଇଫଏଡ୍, ଡାଇରିଆ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ସ୍ୱେଚ୍ଛାସେବୀମାନଙ୍କୁ ସଚେତନ କରାଯାଇଛି ।

## କୁଷ୍ଠରୋଗ ସଚେତନତା ବୈଠକ

**ଦେବଗଡ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯକ୍ଷ୍ମା ଓ କୁଷ୍ଠରୋଗ ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି

ରୋଗର କାରଣ ଏବଂ ନିରାକରଣ ଉପରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଛି ।

## ନୂତନ ପାଠାଗାର

**ମାଲକାନଗିରି** ବିଧାୟକ ନରସିଂହ ମାଡ଼କାମୀ ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଏକ ନୂତନ ପାଠାଗାରକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ବିଧାୟକ ମହାବିଦ୍ୟାଳୟରେ ଥିବା ଛାତ୍ରାବାସ ପରିଦର୍ଶନ କରିଥିଲେ ।

# ପାଣିପାଗ

ବାତ୍ୟା 'ଦାନା' ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଅଗ୍ରସର ହେଉଛି । କ୍ରମଶଃ ଏହା ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଔପଦାଠାରେ ସର୍ବାଧିକ ୨୪୦ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଅପରପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି ।

**********************************